# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ନୟାଗଡ଼

---

**ବିଜ୍ଞାପନ ସଂଖ୍ୟା:-// ୩୪୯ ତାରିଖ-// ୧୯.୦୫.୨୦୨୬**

ଏତଦ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ନୟାଗଡ ଅନ୍ତର୍ଗତ ନିମ୍ନଲିଖିତ ଅତିରିକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅତିରିକ୍ତ ଅଙ୍ଗନୱାଡି ସହାୟୀକା ପଦବୀ ପୂରଣ ପାଇଁ ସମ୍ପୃକ୍ତ ଅଞ୍ଚଳର ମହିଳା ପାର୍ଥିନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ ଇଚ୍ଛୁକ ମହିଳା ପାର୍ଥିନୀମାନେ ଅଙ୍ଗନବାଡି ସହାୟୀକା ପଦବୀ ନିମନ୍ତେ ନିର୍ଧାରିତ ଫର୍ମରେ ତା **୨୧.୦୫.୨୦୨୬** ରିଖ ଠାରୁ **୦୪.୦୬.୨୦୨୬** ରିଖ ମଧ୍ୟରେ online (http://engagement.awc.odisha.gov.in) ମାଧ୍ୟମରେ (Public Login) କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

| କ୍ରମିକ . ସଂଖ୍ୟା | ଗ୍ରାମ ପଂଚାୟତ/ NAC ର ନାମ | ଖାଲି ପଡିଥିବା ଅଙ୍ଗନବାଡି କେନ୍ଦ୍ରର ନାମ | ଆବେଦନ କରିବା ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ଗ୍ରାମ /ପଡା ର ନାମ |
|---|---|---|---|
| ୧ | ୨ | ୩ | ୪ |
| ୧ | ନୋଡର | ଶଙ୍ଖେଇ-୨ | କେନ୍ଦ୍ର ର ସର୍ବେ ପରିସର ଅନ୍ତର୍ଭୁକ୍ତ |
| ୨ | ଇଟାମାଟି | ଇଟାମାଟି-୮ | କେନ୍ଦ୍ର ର ସର୍ବେ ପରିସର ଅନ୍ତର୍ଭୁକ୍ତ |

## <u>ଆବେଦନକାରୀଙ୍କ ଆବଶ୍ୟକୀୟ ଯୋଗ୍ୟତା</u>

୧. ପ୍ରାର୍ଥୀନୀ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ହେବା ସଙ୍ଗେ ଅଙ୍ଗନବାଡି କର୍ମୀ ଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବେ । ଯଦି ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳରେ କୌଣସି ଯୋଗ୍ୟ ପ୍ରାର୍ଥିନୀ ନ ମିଳନ୍ତି ତେବେ ସେହି ଗ୍ରାମର ଆବେଦନ କାରିଣୀଙ୍କ ଦରଖାସ୍ତ ବିଚାର ଅଧିନକୁ ନିଆଯାଇ ଚୟନ କରାଯିବ ।

୨. ପ୍ରାର୍ଥୀନୀଙ୍କ ବୟସ ତା.**୦୧.୦୧.୨୦୨୬** ରିଖ ସୁଧା **୧୮** ବର୍ଷରୁ **୩୫** ବର୍ଷ ବୟସ ହୋଇଥିବେ।

୩. ପ୍ରାର୍ଥିନୀ ଓଡିଆ ଭାଷା ପଢି ଏବଂ ଲେଖି ଜାଣିଥିବେ।

୪. ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ ପାସ ହୋଇଥିବା ଆବଶ୍ୟକ।

୫. ସମସ୍ତ ଶ୍ରେଣୀର ପ୍ରାର୍ଥୀନୀ ମାନେ +୨ ମାର୍କସିଟ ସହ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ମଧ ଦାଖଲ କରିପାରିବେ।

୬. ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଅନାଥ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ।

୭. ସମସ୍ତ ବର୍ଗର ପାର୍ଥିନୀ ଉପରୋକ୍ତ ସହାୟୀକା ପଦବୀ ନିମନ୍ତେ ଆବେଦନ କରିପାରିବେ।

## ଆବଶ୍ୟକୀୟ ପ୍ରମାଣ ପତ୍ର

୦୧. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର (ମାର୍କସିଟ ) ଅବିକଳ ନକଲ।
୦୨. ଜାତିଗତ ପ୍ରମାଣପତ୍ର (ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥି ବାଆବଶ୍ୟକ )
୦୩. ସ୍ଥାୟୀବାସିନ୍ଦା ପ୍ରମାଣ ପତ୍ର (ସମ୍ପୃକ୍ତ ତହସିଲ ଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ )
୦୪. ଭିନ୍ନକ୍ଷମ ପାର୍ଥିନୀଙ୍କ କ୍ଷେତ୍ର ରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର ସହିନକଲ (ଦୃଷ୍ଟିଗୋଚର ରହିବ )
୦୫. ପାସ ପୋର୍ଟ ସାଇଜ ଫଟୋ (ରଙ୍ଗୀନ ଫୋଟୋ କପି ୨ ଗୋଟି ) ।
୦୬. ବିଧବା କ୍ଷେତ୍ରରେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଅବିକଳ ନକଲ। (୩୫ ବର୍ଷ ମଧ୍ୟରେ)
୦୭. ନିର୍ଯାତିତା ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀ କରଣ ହୋଇଥି ବାସଂସ୍ଥାର ପ୍ରମାଣ ପତ୍ରର ଅବିକଳ ନକଲ।
୦୮. ପରିଚୟ ପ୍ରମାଣପତ୍ର କ୍ଷେତ୍ରରେ (ଆଧା ରକାର୍ଡ଼,ପାନକାର୍ଡ,ଭୋଟରକାର୍ଡ) ଅବିକଳ ନକଲ।

ପ୍ରାର୍ଥିନୀ ଦରଖାସ୍ତ ସହ ଦାଖଲ କରୁଥିବା ସମସ୍ତ ପ୍ରମାଣ ପତ୍ରର ଅରିଜିନାଲ ସହିତ ନକଲ ଗୁଡିକ ନିଜ ସ୍ୱସ୍ୱାକ୍ଷର କରି **(Upload)** କରିବେ ଏବଂ online (**http://engagement.awc.odisha.gov.in/**) ରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦାଖଲ କରିବେ ଓ ଏହାର ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ପାଇଁ ନିର୍ଦ୍ଧାରିତ **ତାରିଖ: ୦୫.୦୬.୨୦୨୬ରିଖ ସକାଳ ୦୮.୦୦ ଘଟିକା ସମୟ ଠାରୁ ଅପରାହ୍ନ ୧.୦୦ ଘଟିକା** ପର୍ଯ୍ୟନ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ନୟାଗଡ କ କାର୍ଯ୍ୟାଳୟରେ ଆବେଦନକାରି ନିଜେ ଉପସ୍ଥିତ ରହିବେ। ଯାଞ୍ଚ ସମୟରେ ଉପସ୍ଥିତ ନରହିଲେ ପ୍ରାର୍ଥିନୀଙ୍କ ଦରଖାସ୍ତ ଗ୍ରହଣ କରାଯିବ ନାହିଁ .

## ଚୟନ ପ୍ରକ୍ରିୟା :-

ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ, ଭୁବନେଶ୍ୱର ଅଙ୍ଗନବାଡି ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା: **୪୯୭୦/ ୧୫.୦୩.୨୦୨୩** ପ୍ରକାରେ ଚୟନ କରାଯିବ।

(ବି.ଦ୍ର:୧):- ମହିଳା ଓ ଶିଶୁବିଭାଗ, ଓଡିଶା ସରକାର, ଭୁବନେଶ୍ୱରଙ୍କ ଦ୍ୱାରା ନୂତନ ନିୟମ ଚୟନ ପୂର୍ବରୁ କାର୍ଯ୍ୟାଳୟରେ ହସ୍ତଗତ ହେଲେ ଉପଯୁକ୍ତ କର୍ମୀଚୟନ ପାଇଁ ତାହା ମଧ ବ୍ୟବହାର କରାଯିବ।

(୨) ମୂଳ ପ୍ରମାଣପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ, ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇ ପାରେ

ସୌଦାମିନୀ ପଣ୍ଡା
୧୮/୦୫/୨୬
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୟାଗଡ

# ତାଲିକା ବିବରଣୀ

| | | |
|---|---|---|
| ୧ | ଆବେଦନ କରିବାର ସମୟସୀମା | ତା ୨୧.୦୫.୨୦୨୬ ରିଖ ଠାରୁ ତା ୦୪.୦୬.୨୦୨୬ ରିଖ ପର୍ଯ୍ୟନ୍ତ |
| ୨ | କେଉଁ ମାଧ୍ୟମରେ ଆବେଦନ କରିବେ | କେବଳ ଅନଲାଇନ ୱେବସାଇଟ ର ପୋର୍ଟାଲ ମାଧ୍ୟମରେ |
| ୩ | କେଉଁ ୱେବସାଇଟ ରେ ଆବେଦନ କରିବେ | http://engagement.awc.odisha.gov.in/landing |
| ୪ | ପ୍ରମାଣପତ୍ର ଯାଞ୍ଚ ତାରିଖ ଓ ସ୍ଥାନ | ତା- ୦୫.୦୬.୨୦୨୬ ସକାଳ ୦୮.୦୦ ଘଟିକା ସମୟ ଠାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ<br>ସ୍ଥାନ - ଶିଶୁ ବିକାଶ ଯୋଜନା ଅଧିକାରୀ ଙ୍କ କାର୍ଯ୍ୟାଳୟ, ନୟାଗଡ |
| ୫ | ଆପତ୍ତି ଉପରେ ସ୍ଥିରିକୃତ ହୋଇଥିବା ତାରିଖ | ୦୬.୦୬.୨୦୨୬ ଠାରୁ ୧୨.୦୬.୨୦୨୬ ପର୍ଯ୍ୟନ୍ତ<br>(କେବଳ ଅନଲାଇନ ୱେବସାଇଟ୍ ପୋର୍ଟାଲ ମାଧ୍ୟମରେ) |
| ୬ | ଚୟନ କମିଟି ତାଲିକା ପ୍ରସ୍ତୁତ | ସମନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ , ନୟାଗଡଙ୍କ ଧାର୍ଯ୍ୟ ତାରିଖ ପ୍ରକାରେ |

ସୌଦାମିନୀ ପଣ୍ଡା
୧୯/୦୫/୨୬
ସମନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୟାଗଡ

ପରି ପତ୍ର ସଂଖ୍ୟା :-୩୨୦// ତାରିଖ- ୧୯.୦୫.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ପରିଦର୍ଶିକାଙ୍କ ଗୋଚରାର୍ଥେ ଯଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣକରାଯାଇ ନିର୍ଦ୍ଦେଶ ଦିଆଗଲାଯେ, ନୋଟିସକୁ ସମ୍ପୃକ୍ତ ଗ୍ରାମର ମଣ୍ଡପରେ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ଦୃଷ୍ଟି ଗୋଚରକୁ ଆଣି ନୋଟିସ ବୋର୍ଡରେ ଲଗାଇବେ ଓ ଲଟକାଇଜାରି ସମ୍ପର୍କରେ ପ୍ରମାଣପତ୍ର ଆଣି କାର୍ଯ୍ୟାଳୟ ରେ ଦାଖଲ କରିବେ।

ସୌଦାମିନୀ ପଣ୍ଡା
୧୯/୦୫/୨୬
ସମନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୟାଗଡ

ପରି ପତ୍ର ସଂଖ୍ୟା :- ୩୨୯//ତାରିଖ- ୧୯.୦୫.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନୟାଗଡ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନୟାଗଡ/ ଭା।ର।ପ୍ରାପ୍ତ ଚିକିତ୍ସା ଅଧିକାରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବଡପଣ୍ଡୁସର ଙ୍କ ଅବଗତ ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସୌଦାମିନୀ ପଣ୍ଡା
୧୯/୦୫/୨୬
ସମନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୟାଗଡ

ପରିପତ୍ରସଂଖ୍ୟା :-//୩୨୬ତାରିଖ- ୧୯.୦୫.୨୦୨୬

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟର, ନୟାଗଡ ନୋଟିସ ବୋର୍ଡରେ ଜନ ସାଧାରଣଙ୍କ ଗୋଚରାର୍ଥେ ଓ ଚୟନ କମିଟିସଭ୍ୟାଙ୍କ ଗୋଚରାର୍ଥେ ତଥାବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସୌଦାମିନୀ ପଣ୍ଡା
୧୯/୦୫/୨୬
ସମନ୍ବିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୟାଗଡ